SES
SANTOSH ENGINEERING SOLUTION



# ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା

ସୂର୍ଯ୍ୟର ଶକ୍ତି ସହ ପ୍ରତ୍ୟେକ ଘରକୁ ଉଜ୍ଜ୍ୱଳ କରି, ବିଦ୍ୟୁତ ବିଲ୍ ରୁ ସଦାକାଳ ପାଇଁ ମୁକ୍ତି ଦେବା ଆମର ପ୍ରତିଶ୍ରୁତି।

**1,38,000 ଟଙ୍କା ସବସିଡି**

## ଆମର (ଲକ୍ଷ୍ୟ)

✓ ଉଚ୍ଚ ଗୁଣବତ୍ତାର ସୋଲାର ସିଷ୍ଟମ୍ ସସ୍ତା ମୂଲ୍ୟରେ ପ୍ରଦାନ କରିବା

✓ ଗ୍ରାହକଙ୍କ ବିଦ୍ୟୁତ ବିଲ୍ କମାଇ ସଞ୍ଚୟ ବଢ଼ାଇବା

✓ ସରକାରୀ ସବସିଡି ଓ ଲୋନ୍ ପ୍ରକ୍ରିୟାରେ ସହଜ ସହଯୋଗ ଦେବା

✓ ସୁରକ୍ଷିତ ଓ ମାନକ ଅନୁଯାୟୀ ଇନଷ୍ଟଲେସନ୍ କରିବା

✓ ଦୀର୍ଘମିୟାଦୀ ଆଫ୍ଟର ସେଲ୍ସ ସେବା ପ୍ରଦାନ କରିବା

25 YEAR WARRANTY
25 YEAR WARRANTY
SANTOSHI ENGINEERING SOLUTION

**Contact Us:**
9777429909

REG NO :-PMSGMBY/CR/535/52

# ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ସମ୍ପୂର୍ଣ୍ଣ ପ୍ରକ୍ରିୟା

ପିଏମ୍ ସୂର୍ଯ ଘର ମୁଫ୍ତ ବିଜୁଳି ଯୋଜନା ହେଉଛି କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯୋଜନା। ଏହି ଯୋଜନା ଅନୁସାରେ ଘରର ଛାତ ଉପରେ ସୋଲାର ପ୍ୟାନେଲ ଲଗାଇ ଗ୍ରାହକ ନିଜେ ବିଜୁଳି ତିଆରି କରିପାରିବେ।

ଯଦି ଆପଣ ଆପଣଙ୍କ ଘରର ବିଜୁଳି ବ୍ୟବହାର ଅନୁସାରେ ସଠିକ୍ କିଲୋୱାଟ୍ (KW) ସୋଲାର ସିଷ୍ଟମ୍ ଲଗାନ୍ତି, ତେବେ ଆପଣଙ୍କ ବିଜୁଳି ବିଲ ସମ୍ପୂର୍ଣ୍ଣ 0 (ଶୂନ୍ୟ) ହୋଇଯାଇପାରେ।

ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ:

1. ସାଧାରଣ ଲୋକଙ୍କୁ ମାଗଣା ବିଜୁଳି ଦେବା
2. ବଢୁଥିବା ବିଜୁଳି ବିଲରୁ ମୁକ୍ତି ଦେବା
3. ପରିବେଶକୁ ସୁରକ୍ଷିତ ରଖିବା

## ଆପଣ ନିଜ ଘରେ ଏହାକୁ କିପରି ଲଗାଇ ପାରିବେ?

ଏହାକୁ ଲଗାଇବାର 2ଟି ପ୍ରଣାଳୀ ଅଛି —କ୍ୟାଶ୍ ରେ କରିପାରିବେ କିମ୍ବା ଲୋନ୍ ରେ

### ଯଦି କ୍ୟାଶ୍ ରେ କରିବେ

ଯେଉଁ ଗ୍ରାହକଙ୍କର ମାସିକ ବିଦ୍ୟୁତ ବିଲ୍ ₹500 ରୁ ₹3000 ମଧ୍ୟରେ ଆସୁଛି, ସେମାନେ ଏହି ସୋଲାର ଯୋଜନାରୁ ବହୁତ ଲାଭ ପାଇପାରିବେ।

## ଉଦାହରଣ

ଧରନ୍ତୁ ଗୋଟେ ଗ୍ରାହକଙ୍କର ସର୍ବମୋଟ ମାସିକ ବିଦ୍ୟୁତ ବିଲ୍ = ₹2000

ସେ 3KW ସୋଲାର ସିଷ୍ଟମ୍ ଲଗାଇଲେ।

### ସୋଲାର ସିଷ୍ଟମ୍ ମୋଟ ଖର୍ଚ୍ଚ:

**₹2,00,000**

## ପେମେଣ୍ଟ ପ୍ରକ୍ରିୟା (Cash Payment)

ଇନଷ୍ଟଲେସନ୍ ଆରମ୍ଭ ସମୟରେ – **70%** ଦେବାକୁ ପଡିବ
**₹1,40,000**

ଇନଷ୍ଟଲେସନ୍ ସମ୍ପୂର୍ଣ୍ଣ ହେଲେ – **30%** ଦେବାକୁ ପଡିବ
**₹60,000**

ମୋଟ ରାଶି = **₹2,00,000**

ଏତିକି ଟଙ୍କା ଦେଇସାରିବା ପରେ ଆମେ ନେଟ୍ ମିଟର୍ ଲଗାଇଦେବୁ।
ନେଟ୍ ମିଟର୍ ଲଗାଇ ସମସ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲାପରେ ପ୍ରାୟ **1** ମାସ ମଧ୍ୟରେ ଆପଣଙ୍କ ବ୍ୟାଙ୍କ ଖାତାକୁ ସରକାରୀ ସବସିଡି **₹1,38,000** ଜମା ହେବ।

## ସବସିଡି ରାଶି (Subsidy Benefit)

ଇନଷ୍ଟଲେସନ୍ ପରେ ପ୍ରାୟ **1** ମାସ ମଧ୍ୟରେ ସବସିଡି ଗ୍ରାହକଙ୍କ ବ୍ୟାଙ୍କ ଖାତାକୁ ଯାଇଥାଏ।

✅ କେନ୍ଦ୍ର ସରକାର ସବସିଡି = **₹78,000**
✅ ରାଜ୍ୟ ସରକାର ସବସିଡି = **₹60,000**

ମୋଟ ସବସିଡି = **₹1,38,000**

## ଗ୍ରାହକଙ୍କ ନିଜ ଖର୍ଚ୍ଚ କେତେ?

ମୋଟ ଖର୍ଚ୍ଚ = **₹2,00,000**
ମାଇନସ୍ ସବସିଡି **₹1,38,000**

ଶେଷ ଖର୍ଚ୍ଚ = **₹62,000**

ଏହି **₹62,000** ହେଉଛି ଆପଣଙ୍କ ନିଜ ଖର୍ଚ୍ଚ (ସବସିଡି କଟିବା ପରେ)।

ଏହି **₹62,000** ନିବେଶ ଆପଣଙ୍କ ଜୀବନ ସାରା ବିଦ୍ୟୁତ ବିଲ୍ କୁ ପ୍ରାୟ **0** କରିଦେବ (ବ୍ୟବହାର ଅନୁସାରେ)।

ସେହି ସହିତ, ଯଦି ଆପଣ ଇଲେକ୍ଟ୍ରିକ୍ ଚୁଲା ବ୍ୟବହାର କରିବେ, ତେବେ ଆପଣଙ୍କ ଗ୍ୟାସ୍ ବିଲ୍ **60%** ରୁ **90%** ପର୍ଯ୍ୟନ୍ତ କମିଯିବ।

ଅର୍ଥାତ —
✔ ବିଦ୍ୟୁତ ବିଲ୍ ପ୍ରାୟ ଶୂନ୍ୟ
✔ ଗ୍ୟାସ୍ ବିଲ୍ ରେ ବଡ଼ ସଞ୍ଚୟ
✔ ଦୀର୍ଘକାଳୀନ ଲାଭ

ଏହା ଆପଣଙ୍କ ପାଇଁ ଏକ ଜୀବନଭରି ଲାଭଦାୟକ ନିବେଶ ଅଟେ।

## ⌛ କେତେ ମାସରେ ଟଙ୍କା ଫେରି ପାଇବେ?

ଉଦାହରଣ ଭାବେ ବୁଝନ୍ତୁ —

ଆପଣ ପୂର୍ବରୁ ପ୍ରତିମାସ **₹2000** ବିଦ୍ୟୁତ ବିଲ୍ ଦେଉଥିଲେ।

ସବସିଡି ପରେ ଆପଣଙ୍କ ନିଜ ଖର୍ଚ୍ଚ ହେଲା = **₹62,000**

ଏବେ ଯଦି ଆମେ ହିସାବ କରିବା:

**₹62,000 ÷ ₹2000 = 31** ମାସ

ମାନେ, ଆପଣ ପୂର୍ବରୁ ଯେ **₹2000** ପ୍ରତିମାସ ବିଲ୍ ଦେଉଥିଲେ, ସେହି ଟଙ୍କା ହିସାବରେ **31** ମାସରେ ଆପଣଙ୍କ **₹62,000** ପୁରା ଫେରି ଆସିଯିବ।

**31** ମାସ ପରେ ଆପଣଙ୍କ ବିଦ୍ୟୁତ ବିଲ୍ ପ୍ରାୟ **0** ହୋଇଯିବ।
ତାପରେ ଯେତେ ବର୍ଷ ସୋଲାର ଚାଲିବ, ସେତେ ବର୍ଷ ଆପଣ ଲାଭରେ ରହିବେ।

## ଗ୍ୟାସ୍ ବିଲ୍ ରେ ଅତିରିକ୍ତ ଲାଭ

ଯଦି ଆପଣ ପ୍ରତିମାସ **₹1000** ଗ୍ୟାସ୍ ବିଲ୍ ଦେଉଛନ୍ତି:

ଆପଣ ଯଦି **Electric Chula** ବ୍ୟବହାର କରିବେ, ତେବେ:

✅ **60%** ରୁ **90%** ପର୍ଯ୍ୟନ୍ତ ଗ୍ୟାସ୍ ବିଲ୍ କମିପାରେ

କାହିଁକି **100%** ନୁହେଁ?

⚡ କାରଣ **Power Cut** ସମୟରେ ଆପଣଙ୍କୁ ଗ୍ୟାସ୍ ବ୍ୟବହାର କରିବାକୁ ପଡିବ।

ତଥାପି ସାରା ଜୀବନ ଗ୍ୟାସ୍ ଖର୍ଚ୍ଚରେ ବହୁତ ବଡ଼ ସଞ୍ଚୟ ହେବ।

## ମୋଟ ଲାଭ

✔ 31 ମାସରେ ଟଙ୍କା ଫେରତ
✔ ତାପରେ ପ୍ରାୟ ଫ୍ରୀ ବିଦ୍ୟୁତ
✔ ଗ୍ୟାସ୍ ବିଲ୍ ରେ 60%–90% ସଞ୍ଚୟ
✔ ସରକାରୀ ସବସିଡି ₹1, 38, 000  ର ସିଧା ଲାଭ।
✔ ଘର ମୂଲ୍ୟ ବଢ଼ିବ ଏବଂ  ପରିବେଶ ପାଇଁ ଉପକାରୀ

ଏହି 3KW ସୋଲାର ସିଷ୍ଟମ୍ ଗ୍ରାହକଙ୍କ ପାଇଁ ଏକ ଦୀର୍ଘମିଆଦୀ ଲାଭକାରୀ ନିବେଶ (Long Term Investment) ଅଟେ।

## ଲୋନ୍ ମାଧ୍ୟମରେ ସୋଲାର ସିଷ୍ଟମ୍ ଲଗାଇବା ପ୍ରକ୍ରିୟା

ଆସନ୍ତୁ ସମ୍ପୂର୍ଣ୍ଣ ଉଦାହରଣ ସହ ବୁଝିବା  ରୁଣ କରି ସୋଲାର ଲଗାଇଲେ ମଧ୍ୟ କିପରି ଲାଭରେ ରହିପାରିବେ

ଯଦି ଆପଣଙ୍କ ମାସିକ ବିଦ୍ୟୁତ ବିଲ୍ ₹500 ରୁ ₹3000 ମଧ୍ୟରେ ଆସୁଛି,
ତେବେ 3KW ସୋଲାର ସିଷ୍ଟମ୍ ଆପଣଙ୍କ ପାଇଁ ଉପଯୋଗୀ।

**ଉଦାହରଣ:**
ମାସିକ ବିଲ୍ = ₹2000
ସୋଲାର ସିଷ୍ଟମ୍ ମୋଟ ଖର୍ଚ୍ଚ = ₹2,00,000

## ଲୋନ୍ ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ

ଲୋନ୍ ପାଇଁ ନିମ୍ନଲିଖିତ କାଗଜପତ୍ର ଦରକାର:

✅ ଆଧାର କାର୍ଡ
✅ ବ୍ୟାଙ୍କ ପାସବୁକ୍
✅ ବିଦ୍ୟୁତ ବିଲ୍
✅ ମୋବାଇଲ୍ ନମ୍ବର
✅ ପାନ୍ କାର୍ଡ
✅ ଜମି ପଟ୍ଟା (Jami Pata)

## ଲୋନ୍ ପ୍ରକ୍ରିୟା

ସରକାର ସୋଲାର ଲଗାଇବା ପାଇଁ ଲୋନ୍ ସୁବିଧା ମଧ୍ୟ ଦେଉଛନ୍ତି।

ଧରନ୍ତୁ ସମ୍ପୂର୍ଣ୍ଣ ଖର୍ଚ୍ଚ **₹2,00,000**।
ଆମେ ବ୍ୟାଙ୍କରେ **₹2,00,000** ଋଣ ପାଇଁ ଆବେଦନ କରିବା।

କିନ୍ତୁ ବ୍ୟାଙ୍କ ସବୁବେଳେ ପୁରା **₹2,00,000** ଦେଉନ୍ତି ନାହିଁ।
ସେମାନେ ସାଧାରଣତଃ **₹1,98,000** କିମ୍ବା **₹1,95,000** କିମ୍ବା **₹1,89,000** ପର୍ଯ୍ୟନ୍ତ ଅନୁମୋଦନ କରନ୍ତି।

ମାନେ ଅବଶିଷ୍ଟ ଯେତେ ଟଙ୍କା ରହିଯାଏ, ସେହି ରାଶି ଗ୍ରାହକଙ୍କୁ ନିଜ ହାତରୁ ଦେବାକୁ ପଡିବ।

ଏଭଳି ଭାବେ ଲୋନ୍ + ନିଜ ଅଂଶ ମିଶି ସୋଲାର ସିଷ୍ଟମ୍ ସମ୍ପୂର୍ଣ୍ଣ ହୋଇଯାଏ।

ଆସନ୍ତୁ ଉଦାହରଣ ସହ ବୁଝିବା — ଅବଶିଷ୍ଟ ରାଶି କେବେ ଓ କିପରି ଦେବାକୁ ପଡିବ।

ଧରନ୍ତୁ ସୋଲାର ସିଷ୍ଟମ୍ ମୋଟ ଖର୍ଚ୍ଚ = **₹2,00,000**

### ଉଦାହରଣ 1

ଯଦି ବ୍ୟାଙ୍କ ଆପଣଙ୍କୁ **₹1,98,000** ଲୋନ୍ ଦେଇଥାଏ,
ତେବେ ଅବଶିଷ୍ଟ ରାଶି = **₹2,000**

ଏହି **₹2,000** ଆପଣଙ୍କୁ ଇନଷ୍ଟଲେସନ୍ ସମୟରେ କିମ୍ବା ଶେଷ ପେମେଣ୍ଟ ସମୟରେ ନିଜ ପକ୍ଷରୁ ଦେବାକୁ ପଡିବ।

### ଉଦାହରଣ 2

ଯଦି ବ୍ୟାଙ୍କ **₹1,89,000** ଲୋନ୍ ଅନୁମୋଦନ କରେ,
ତେବେ ଅବଶିଷ୍ଟ ରାଶି = **₹11,000**

ଏହି **₹11,000** ଆପଣଙ୍କୁ ଇନଷ୍ଟଲେସନ୍ ସମୟରେ କିମ୍ବା ଶେଷ ପେମେଣ୍ଟ ସମୟରେ ନିଜ ପକ୍ଷରୁ ଦେବାକୁ ପଡିବ।

## 🔧 ଇନଷ୍ଟଲେସନ୍ ପ୍ରକ୍ରିୟା (Step by Step)

✅ ପ୍ରଥମ ଫେଜ୍ ଟଙ୍କା ବ୍ୟାଙ୍କ ଠାରୁ ଆସିଲେ,
ଆମେ ଇନଷ୍ଟଲେସନ୍ କାମ ଆରମ୍ଭ କରିଦେବୁ।

✅ 5 ରୁ 7 ଦିନ ମଧ୍ୟରେ ସୋଲାର ସିଷ୍ଟମ୍ ଲଗାଇ ଦିଆଯିବ।

✅ କାମ ସମାପ୍ତ ପରେ ଗ୍ରାହକ ବ୍ୟାଙ୍କକୁ ଫୋନ୍ କରି ଶେଷ ଟଙ୍କା ଛାଡ଼ିବାକୁ କହିବେ।

ଏହି ସମୟରେ ପ୍ରଥମେ ବ୍ୟାଙ୍କର ଲୋନ୍ ରାଶି କମ୍ପାନୀ ଖାତାକୁ ଆସିଯିବ।
ତାପରେ ଯେତେ ଅବଶିଷ୍ଟ ଟଙ୍କା ରହିଥାଏ, ସେହି ରାଶି ଗ୍ରାହକଙ୍କୁ ନିଜ ପକ୍ଷରୁ ଦେବାକୁ ପଡିବ।

ଗ୍ରାହକ ସମ୍ପୂର୍ଣ୍ଣ ଅବଶିଷ୍ଟ ଟଙ୍କା ଦେଇସାରିଲେ,
ତାପରେ ଆମେ ନେଟ୍ ମିଟର୍ ଲଗାଇବା ପ୍ରକ୍ରିୟା ଆରମ୍ଭ କରିବୁ।

ନେଟ୍ ମିଟର୍ ଲଗିଗଲେ ସୋଲାର ସିଷ୍ଟମ୍ ପୁରାପୁରି ଚାଲୁ ହୋଇଯିବ
ଏବଂ ଆପଣ ସବସିଡି ଓ ମୁଫ୍ତ ବିଜୁଳିର ଲାଭ ପାଇପାରିବେ।

## ସବସିଡି ପ୍ରକ୍ରିୟା କଣ? କିପରି ଆସେ? (ଉଦାହରଣ ସହ)

ସୋଲାର ସିଷ୍ଟମ୍ ଲଗାଇସାରିବା ପରେ ସରକାର ପକ୍ଷରୁ ଯେ ଅର୍ଥ ସାହାଯ୍ୟ ମିଳେ, ସେହିଟାକୁ ସବସିଡି କୁହାଯାଏ। ଏହି ଟଙ୍କା ସିଧା ଗ୍ରାହକଙ୍କ ବ୍ୟାଙ୍କ ଖାତାକୁ ଆସେ

### ସବସିଡି ପାଇବାର ପଦକ୍ରମ

1 ସୋଲାର ସିଷ୍ଟମ୍ ସମ୍ପୂର୍ଣ୍ଣ ଇନଷ୍ଟଲେସନ୍ ହେବ।
2 ନେଟ୍ ମିଟର୍ ଲଗାଯିବ ଓ ସିଷ୍ଟମ୍ ଚାଲୁ ହେବ।
3 ସମ୍ବନ୍ଧିତ ବିଦ୍ୟୁତ ବିଭାଗ ଇନସ୍ପେକ୍ସନ୍ କରି ଅନୁମୋଦନ ଦେବ।
4 ଅନୁମୋଦନ ପରେ ସରକାରୀ ପୋର୍ଟାଲ୍ ମାଧ୍ୟମରେ ସବସିଡି ପ୍ରୋସେସ୍ ହେବ।
5 ପ୍ରାୟ 30 ଦିନ (1 ମାସ) ମଧ୍ୟରେ ସବସିଡି ଟଙ୍କା ସିଧା ଆପଣଙ୍କ ବ୍ୟାଙ୍କ ଖାତାକୁ ଆସିଯିବ।

### ଉଦାହରଣ

ଧରନ୍ତୁ 3KW ସୋଲାର ସିଷ୍ଟମ୍ ମୋଟ ଖର୍ଚ୍ଚ = ₹2,00,000

ସରକାରୀ ସବସିଡି = ₹1,38,000

ଇନଷ୍ଟଲେସନ୍ ଓ ନେଟ୍ ମିଟର୍ ପରେ,
1 ମାସ ମଧ୍ୟରେ ₹1,38,000 ଆପଣଙ୍କ ବ୍ୟାଙ୍କ ଖାତାକୁ ଆସିଯିବ

# ଆସନ୍ତୁ ଦେଖିବା — ଅବଶିଷ୍ଟ ଋଣ ଟଙ୍କା କିପରି ଶୋଧ କରିବା? ଏବଂ ଏଥିରେ ଆମର କିପରି ଲାଭ ରହିବ?

### ଧରନ୍ତୁ

**3KW** ସୋଲାର ସିଷ୍ଟମ୍ ମୋଟ ଖର୍ଚ୍ଚ = **₹2,00,000**
ବ୍ୟାଙ୍କ ଲୋନ୍ ମିଳିଲା = **₹1,98,000**
ସରକାରୀ ସବସିଡି ମିଳିଲା = **₹1,38,000**

ଏବେ ଯଦି ସେହି **₹1,38,000** ଋଣରୁ କମାଇ ଦେବା,

**₹1,98,000 – ₹1,38,000 = ₹60,000** (ଅବଶିଷ୍ଟ ଋଣ)

## 🧾 EMI ହିସାବ

### 👉 ଯଦି 10 ବର୍ଷ (120 ମାସ) ପାଇଁ EMI କରିବେ

**₹60,000 ÷ 120 = ₹500** ପ୍ରତିମାସ

### 👉 ଯଦି 5 ବର୍ଷ (60 ମାସ) ପାଇଁ EMI କରିବେ

**₹60,000 ÷ 60 = ₹1000** ପ୍ରତିମାସ

## 📊 ପୂର୍ବରୁ କେତେ ଦେଉଥିଲେ?

ପ୍ରତିମାସ ବିଦ୍ୟୁତ ବିଲ୍ = **₹2000**

ଏବେ ବିଦ୍ୟୁତ ବିଲ୍ ବଦଳରେ
ଆପଣ ମାତ୍ର **₹500** କିମ୍ବା **₹1000 EMI** ଦେଉଛନ୍ତି।

ମାନେ ପ୍ରତିମାସ ସିଧାସଳଖ ସଞ୍ଚୟ:

**₹2000 – ₹500 = ₹1500** ସଞ୍ଚୟ **(10** ବର୍ଷ **EMI** ରେ**)**
**₹2000 – ₹1000 = ₹1000** ସଞ୍ଚୟ **(5** ବର୍ଷ **EMI** ରେ**)**

ଏହା ଦ୍ୱାରା ଆମେ ସ୍ପଷ୍ଟ ଭାବେ ବୁଝିପାରୁଛୁ ଯେ, ଆମେ ପୂର୍ବରୁ ପ୍ରତିମାସ **₹2000** ବିଦ୍ୟୁତ ବିଲ୍ ଦେଉଥିଲୁ। ସେହି ଟଙ୍କା ପ୍ରତିମାସ ସଦାକାଳ ପାଇଁ ଯାଉଥିଲା ଏବଂ କୌଣସି ସଞ୍ଚୟ ହେଉନଥିଲା। କିନ୍ତୁ ସୋଲାର ଲଗାଇବା ପରେ ଆମେ ସେହି **₹2000** ବଦଳରେ ମାତ୍ର **₹500** କିମ୍ବା **₹1000** ପର୍ଯ୍ୟନ୍ତ **EMI** ଭାବରେ ବ୍ୟାଙ୍କକୁ **5** ବର୍ଷ କିମ୍ବା **10** ବର୍ଷ ପର୍ଯ୍ୟନ୍ତ ଦେଉଛୁ, ଯାହା ଆମ ପୁରୁଣା ବିଦ୍ୟୁତ ବିଲ୍ ର ଅର୍ଧାରୁ ମଧ କମ୍। ଏହାର ଫଳରେ ଆମର ମାସିକ ଖର୍ଚ୍ଚ କମିଯାଏ ଏବଂ **EMI** ଶେଷ ହେବା ପରେ ଆମେ ସମ୍ପୂର୍ଣ୍ଣ ମାଗଣା ବିଜୁଳିର ଲାଭ ଉଠାଇପାରୁ।

## 🎯 EMI ଶେଷ ପରେ କେଉଁ କେଉଁ ଲାଭ ମିଳିବ?

**EMI** ସମ୍ପୂର୍ଣ୍ଣ ଶେଷ ହେଲା ପରେ ଆପଣ ସଂପୂର୍ଣ୍ଣ ଲାଭରେ ରହିବେ।

✔ ପ୍ରାୟ ବିଦ୍ୟୁତ ବିଲ୍ **₹0** ହୋଇଯିବ।
✔ କୌଣସି **EMI** ଦେବାକୁ ପଡିବ ନାହିଁ।
✔ EMI ଶେଷ ହେବା ପରେ ଆପଣ ପ୍ରାୟ ଜୀବନ ସାରା ମୁକ୍ତ ବିଜୁଳି ଉପଭୋଗ କରିପାରିବେ।
✔ ଗ୍ୟାସ୍ ବିଲ୍ ମଧ **60%–90%** ପର୍ଯ୍ୟନ୍ତ କମିଯିବ (ଇଲେକ୍ଟ୍ରିକ୍ ଚୁଲା ବ୍ୟବହାର କଲେ)।
✔ ଘରର ମୂଲ୍ୟ ବଢ଼ିବ।
✔ ଭବିଷ୍ୟତରେ ବିଦ୍ୟୁତ ଦର ବଢ଼ିଲେ ମଧ ଆପଣଙ୍କୁ ପ୍ରଭାବ ପଡିବ ନାହିଁ।

👉 ମାନେ **EMI** ଶେଷ ପରେ ଆପଣ ସମ୍ପୂର୍ଣ୍ଣ ମୁକ୍ତ ଏବଂ ଲାଭରେ ରହିବେ, କୌଣସି ବିଲ୍ କିମ୍ବା ଋଣ ଚିନ୍ତା ଛଡା।

## 🔥 ଗ୍ୟାସ୍ ବିଲ୍ ରେ କିପରି ଲାଭ ପାଇପାରିବେ? (ଉଦାହରଣ ସହ)

ସୋଲାର ସିଷ୍ଟମ୍ ଲଗାଇଲେ ଆପଣ ଇଲେକ୍ଟ୍ରିକ୍ ଚୁଲା **(Induction / Electric Stove)** ବ୍ୟବହାର କରିପାରିବେ। ଏହା ଦ୍ୱାରା ଗ୍ୟାସ୍ ସିଲିଣ୍ଡର୍ ଉପରେ ନିର୍ଭରତା କମିଯାଏ ଏବଂ ଗ୍ୟାସ୍ ବିଲ୍ ରେ ଭଲ ସଞ୍ଚୟ ହୁଏ।

### 📌 ଉଦାହରଣ 1

ଧରନ୍ତୁ ଆପଣଙ୍କ ଗ୍ୟାସ୍ ବିଲ୍ ପ୍ରତିମାସ = **₹1000**

ଯଦି ଆପଣ ଇଲେକ୍ଟ୍ରିକ୍ ଚୁଲା ବ୍ୟବହାର କରି **60%** ସଞ୍ଚୟ କରିପାରିଲେ

**₹1000 × 60% = ₹600** ସଞ୍ଚୟ

ମାନେ ଆପଣଙ୍କ ଗ୍ୟାସ୍ ଖର୍ଚ୍ଚ ହେବ **₹400** ମାତ୍ର।

## 📌 ଉଦାହରଣ 2 (ଅଧିକ ସଞ୍ଚୟ)

ଯଦି **90%** ସଞ୍ଚୟ ହେଲା —

**₹1000 × 90% = ₹900** ସଞ୍ଚୟ

ମାନେ ଗ୍ୟାସ୍ ଖର୍ଚ୍ଚ ହେବ ମାତ୍ର **₹100**।

# 🎯 ବର୍ଷକୁ କେତେ ସଞ୍ଚୟ?

✔ **60%** ସଞ୍ଚୟ ହେଲେ
**₹600 × 12 = ₹7200** ବର୍ଷକୁ ସଞ୍ଚୟ

✔ **90%** ସଞ୍ଚୟ ହେଲେ
**₹900 × 12 = ₹10,800** ବର୍ଷକୁ ସଞ୍ଚୟ

# ✅ ନିଷ୍କର୍ଷ

ସୋଲାର ଲଗାଇଲେ ମାତ୍ର ବିଦ୍ୟୁତ ବିଲ୍ ନୁହେଁ, ଗ୍ୟାସ୍ ବିଲ୍ ମଧ୍ୟ ଅଧିକ କମିଯାଏ।
ମାନେ ଆପଣ ଦୁଇ ଦିଗରୁ ଲାଭ ପାଉଛନ୍ତି —

✔ ବିଦ୍ୟୁତ ସଞ୍ଚୟ
✔ ଗ୍ୟାସ୍ ସଞ୍ଚୟ

ଏହା ଏକ ଦୀର୍ଘମିୟାଦୀ ଲାଭକାରୀ ନିବେଶ।

# 🏆 ସମ୍ପୂର୍ଣ୍ଣ ଲାଭ

✔ ବିଦ୍ୟୁତ ବିଲ୍ ପ୍ରାୟ ଶୂନ୍ୟ
✔ **EMI** ସମୟରେ ମଧ୍ୟ ସଞ୍ଚୟ
✔ **EMI** ଶେଷ ପରେ ଜୀବନ ସାରା ମୁକ୍ତ ବିଜୁଳି ଉପଭୋଗ କରିପାରିବେ।
✔ ଗ୍ୟାସ୍ ବିଲ୍ ରେ ଅଧିକ ସଞ୍ଚୟ
✔ ଘରର ମୂଲ୍ୟ ବୃଦ୍ଧି

👉 ଏକମାତ୍ର ଇନଭେଷ୍ଟମେଣ୍ଟରେ ଆପଣ ଦୁଇପ୍ରକାର ଲାଭ ପାଉଛନ୍ତି
ବିଦ୍ୟୁତ ସଞ୍ଚୟ + ଗ୍ୟାସ୍ ସଞ୍ଚୟ + ଦୀର୍ଘମିୟାଦୀ ମୁକ୍ତ ବିଜୁଳି।

# ☀ ସୋଲାର ସିଷ୍ଟମ୍ ଲଗାଇବାର ସମ୍ପୂର୍ଣ୍ଣ ପ୍ରକ୍ରିୟା (ଫଟୋ ମାଧ୍ୟମରେ)



ସୋଲାର ସିଷ୍ଟମ୍ ଲଗେଇବା ପୂର୍ବରୁ ପ୍ରଥମେ ଆପଣଙ୍କ ଘର ଛାଦର ମାପ ନିଆଯିବ। ତାପରେ ଛାଦର କେଉଁ ଦିଗରେ ସୋଲାର ପ୍ଲେଟ୍ ଲଗାଇଲେ ସର୍ବାଧିକ ସୂର୍ଯ୍ୟାଲୋକ ମିଳିବ ସେଥି ପରୀକ୍ଷା କରାଯିବ। ଏହା ପରେ ଆପଣଙ୍କ ବିଦ୍ୟୁତ ବିଲ୍ ଓ ଦୈନିକ ବ୍ୟବହାର ହିସାବରେ କେତେ **kW** ର ସୋଲାର ସିଷ୍ଟମ୍ ଆବଶ୍ୟକ ହେବ ସେଥିରେ ନିଷ୍ପତ୍ତି ନିଆଯିବ। ତାପରେ ସମସ୍ତ ଆବଶ୍ୟକ ସାମଗ୍ରୀ (ସୋଲାର ପ୍ୟାନେଲ୍, ଇନଭର୍ଟର୍, ସ୍ଟ୍ରକ୍ଚର୍, ୱାୟାରିଂ ଇତ୍ୟାଦି) ଆଣାଯିବ। ଶେଷରେ ଆମର ଇନଷ୍ଟଲେସନ୍ ଟିମ୍ ଆସି ସୁରକ୍ଷିତ ଓ ମାନକ ଅନୁଯାୟୀ ସମ୍ପୂର୍ଣ୍ଣ ସୋଲାର ସିଷ୍ଟମ୍ ଲଗାଇ ଚାଲୁ କରିଦେବେ।

## 2 ସୋଲାର ପ୍ୟାନେଲ୍ ଓ ଷ୍ଟ୍ରକ୍ଚର୍ ଲଗାଇବା



- ✔ ମଜବୁତ ଷ୍ଟ୍ରକ୍ଚର୍ ଲଗାଯାଏ
- ✔ ସେଥିରେ ସୋଲାର ପ୍ୟାନେଲ୍ ଫିକ୍ସ କରାଯାଏ



## ସୋଲାର ସିଷ୍ଟମ୍ କିପରି କାମ କରେ (ସରଳ ଭାବେ)

ସୋଲାର ପ୍ଲେଟ୍ (ପ୍ୟାନେଲ୍) ରୁ ଉତ୍ପାଦିତ ବିଦ୍ୟୁତ୍ DC (Direct Current) ରୂପେ ବାହାରେ। ଏହି DC ବିଦ୍ୟୁତ୍ + ଓ – ତାର ଦ୍ୱାରା ପ୍ରଥମେ DC DB (Direct Current Distribution Box) କୁ ଯାଏ। DC DB ରୁ ପୁଣି + ଓ – ତାର ଦ୍ୱାରା ବିଦ୍ୟୁତ୍ ଇନଭର୍ଟର୍ (Inverter) କୁ ପହଞ୍ଚେ।

ଇନଭର୍ଟର୍ DC ବିଦ୍ୟୁତ୍ କୁ AC (Alternating Current) ବିଦ୍ୟୁତ୍ ରେ ପରିବର୍ତ୍ତନ କରେ, କାରଣ ଆମ ଘରେ ବ୍ୟବହୃତ ବିଦ୍ୟୁତ୍ AC ହୋଇଥାଏ। ତାପରେ ଏହି AC ବିଦ୍ୟୁତ୍ AC DB (AC Distribution Box) କୁ ପଠାଯାଏ। AC DB ରୁ ତାର ମାଧ୍ୟମରେ ବିଦ୍ୟୁତ୍ ଆପଣଙ୍କ ଘରର ମେନ୍ ଲାଇନ୍କୁ ଯୋଗ ହୋଇ ଘରର ସମସ୍ତ ଯନ୍ତ୍ର (ଲାଇଟ୍, ପଖା, ଫ୍ରିଜ୍, ଟିଭି ଇତ୍ୟାଦି) ଚାଲୁ କରେ।

ଏହିପରି ଭାବରେ ସୋଲାର ଶକ୍ତି ସୂର୍ଯ୍ୟାଲୋକରୁ ଘରେ ବ୍ୟବହାର ଯୋଗ୍ୟ ବିଦ୍ୟୁତ୍ ରେ ପରିଣତ ହୁଏ।



# ଆମ କମ୍ପାନୀ ବିଷୟରେ କିଛି ବିବରଣୀ

## SANTOSHI ENGINEERING SOLUTION

**SANTOSHI ENGINEERING SOLUTION** ଏକ ନିର୍ଭରଯୋଗ୍ୟ ଏବଂ ପ୍ରୋଫେସନାଲ୍ ସୋଲାର ଓ ଇଲେକ୍ଟ୍ରିକାଲ୍ ସେବା ପ୍ରଦାନକାରୀ ସଂସ୍ଥା। ଆମର ଲକ୍ଷ୍ୟ ହେଉଛି ଗ୍ରାହକଙ୍କୁ ସୁରକ୍ଷିତ, ଉଚ୍ଚ ଗୁଣବତ୍ତାଯୁକ୍ତ ଏବଂ ସସ୍ତା ମୂଲ୍ୟରେ ସୋଲାର ସମାଧାନ ଦେବା।

ଆମେ ଘରୋଇ, ବ୍ୟବସାୟିକ ଏବଂ ଶିଳ୍ପ କ୍ଷେତ୍ରରେ ସୋଲାର ସିଷ୍ଟମ୍ ଡିଜାଇନ୍, ସପ୍ଲାଇ ଓ ସମ୍ପୂର୍ଣ୍ଣ ଇନଷ୍ଟଲେସନ୍ ସେବା ପ୍ରଦାନ କରୁଛୁ। ଆମର ପ୍ରଶିକ୍ଷିତ ଟେକ୍ନିକାଲ୍ ଟିମ୍ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ସଠିକ୍ ପ୍ଲାନିଂ କରି ସୁନିଶ୍ଚିତ କରେ ଯେ ସିଷ୍ଟମ୍ ଦୀର୍ଘ ସମୟ ପର୍ଯ୍ୟନ୍ତ ଭଲ ଭାବରେ କାମ କରିବ।

## ଆମ ସେବାସମୂହ:

- ✔ ରୁଫଟପ୍ ସୋଲାର ସିଷ୍ଟମ୍ ଇନଷ୍ଟଲେସନ୍
- ✔ ଅନ-ଗ୍ରିଡ୍ ଓ ଅଫ-ଗ୍ରିଡ୍ ସୋଲାର ସିଷ୍ଟମ୍
- ✔ ନେଟ୍ ମିଟରିଂ ସହଯୋଗ
- ✔ ସରକାରୀ ସବସିଡି ଓ ଲୋନ୍ ପ୍ରକ୍ରିୟା ସହାୟତା
- ✔ ମେଣ୍ଟେନାନ୍ସ ଓ ଆଫ୍ଟର ସେଲ୍ସ ସପୋର୍ଟ

## ଆମର (ଲକ୍ଷ୍ୟ)

- ✔ ଉଚ୍ଚ ଗୁଣବତ୍ତାର ସୋଲାର ସିଷ୍ଟମ୍ ସସ୍ତା ମୂଲ୍ୟରେ ପ୍ରଦାନ କରିବା
- ✔ ଗ୍ରାହକଙ୍କ ବିଦ୍ୟୁତ ବିଲ୍ କମାଇ ସଞ୍ଚୟ ବଢ଼ାଇବା
- ✔ ସରକାରୀ ସବସିଡି ଓ ଲୋନ୍ ପ୍ରକ୍ରିୟାରେ ସହଜ ସହଯୋଗ ଦେବା
- ✔ ସୁରକ୍ଷିତ ଓ ମାନକ ଅନୁଯାୟୀ ଇନଷ୍ଟଲେସନ୍ କରିବା
- ✔ ଦୀର୍ଘମିୟାଦୀ ଆଫ୍ଟର ସେଲ୍ସ ସେବା ପ୍ରଦାନ କରିବା

## ଆମର (ଭବିଷ୍ୟତ ଦୃଷ୍ଟିକୋଣ)

- ✔ ପ୍ରତ୍ୟେକ ଘରକୁ ସୋଲାର ଶକ୍ତି ସହିତ ଯୋଡିବା
- ✔ ସ୍ୱଚ୍ଛ ଓ ପରିବେଶବନ୍ଧୁ ଶକ୍ତିରେ ସମାଜକୁ ଆଗକୁ ବଢ଼ାଇବା
- ✔ ରାଜ୍ୟ ଓ ଦେଶରେ ଏକ ନିର୍ଭରଯୋଗ୍ୟ ସୋଲାର କମ୍ପାନୀ ଭାବେ ପରିଚିତ ହେବା
- ✔ ଲୋକମାନଙ୍କୁ ଶକ୍ତି ସ୍ୱାଧୀନ କରିବା

## ପ୍ରୋଡକ୍ଟ ଗ୍ୟାରାଣ୍ଟି ଓ ସର୍ଭିସ୍

ଆମେ ସମ୍ପୂର୍ଣ୍ଣ ସୋଲାର କିଟ୍ ଉପରେ **25** ବର୍ଷର ଗ୍ୟାରାଣ୍ଟି ପ୍ରଦାନ କରୁଛୁ **।** ଇନଷ୍ଟଲେସନ୍ ପରେ ପ୍ରଥମ **5** ବର୍ଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ସର୍ଭିସ୍ ଦିଆଯିବ **।** **5** ବର୍ଷ ପରେ ଗ୍ରାହକଙ୍କୁ କେବଳ ଲେବର୍ ଚାର୍ଜ୍ ଦେବାକୁ ପଡିବ **।** **25** ବର୍ଷର ୱାରଣ୍ଟି ସମୟ ମଧ୍ୟରେ କୌଣସି ପ୍ରୋଡକ୍ଟ ଖରାପ ହେଲେ**,** ସେହି ପ୍ରୋଡକ୍ଟକୁ କୌଣସି ଅତିରିକ୍ତ ଶୁଳ୍କ ଛଡ଼ା ନୂତନ ପ୍ରୋଡକ୍ଟ ସହ ପରିବର୍ତ୍ତନ କରାଯିବ **।** ଆମ ଉଦ୍ଦେଶ୍ୟ ହେଉଛି ଦୀର୍ଘମିଆଦୀ ଭରସା ଓ ଗ୍ରାହକ ସନ୍ତୁଷ୍ଟି ନିଶ୍ଚିତ କରିବା **।**

